Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 212
Thursday, 08 October 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୦୮ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ରାସ୍ତାରେ ଶୋଇଲେ ପ୍ରିୟଙ୍କା, ରାହୁଲଙ୍କୁ ଟେକିନେଲା ପୁଲିସ୍

ନୂଆଦିଲ୍ଲୀ, ୭/୧୦ (ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ମାମଲାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ଇଣ୍ଡି ମେଂଟର ଦିଲ୍ଲୀ ପ୍ରତିବାଦ କାର୍ଯ୍ୟକ୍ରମ ଆଜି ପୁଣି ଜୋରଦାର ହୋଇଛି । ଆଜି ବିରୋଧୀ ଦଳ ନେତାମାନେ ପୁଣି ଆନ୍ଦୋଳନ ପାଇଁ ଯନ୍ତରମନ୍ତରକୁ ଯାଉଥିବା ବେଳେ ସେମାନଙ୍କୁ ବସ୍‌କୁ ପୁଲିସ ଅଶୋକା ରୋଡ୍ ନିକଟରେ ଅଟକାଇଥିଲା । ପୁଲିସ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଅନ୍ୟାନ୍ୟ ପ୍ରମୁଖ ନେତାମାନଙ୍କୁ ଅଟକ ରଖିବା ସହ ଗିରଫ ପ୍ରକ୍ରିୟା ଆରମ୍ଭ କରିବାରୁ ଯନ୍ତର ମନ୍ତର ନିକଟରେ ହାଇଭୋଲ୍ଟେଜ୍ ରାଜନୈତିକ ନାଟକ ଦେଖିବାକୁ ମିଳିଥିଲା । ପୁଲିସର ଏହି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ହାତରେ ସମ୍ବିଧାନ ଧରି ସେହି ସଡ଼କ ଉପରେ ହିଁ ଶୋଇ ରହି ଅନନ୍ୟ ଶୈଳୀରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ 'ବନ୍ଦେ ମାତରମ୍' ସ୍ଲୋଗାନ ଦେଇଥିଲେ । ପୁଲିସ ଉପରେ ଗମ୍ଭୀର ଅଭିଯୋଗ ଆଣି ସେ ଗଣମାଧ୍ୟମକୁ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶରେ ମହିଳା ପୁଲିସ କର୍ମଚାରୀମାନେ ମୋତେ ଆହତ କରିଦେବା ସହ ତଳେ ଫିଙ୍ଗି ଦେଇଛନ୍ତି । ପୁଲିସ ବର୍ବର ଓ ବେପରୁଆ ଆଭିମୁଖ୍ୟ ଗ୍ରହଣ କରିଛି । ପ୍ରିୟଙ୍କାଙ୍କୁ



ସଡ଼କରେ ଶୋଇଥିବା ଦେଖି କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନେତଙ୍କ ସମେତ ବିରୋଧୀ ଦଳର ଅନେକ ନେତା ମଧ୍ୟ ତାଙ୍କ ସହ ରାସ୍ତାରେ ଶୋଇ ରହି ପ୍ରତିବାଦ କରିଥିଲେ ଏବଂ ଏହା ପରେ ପୁଲିସ ସମସ୍ତଙ୍କୁ ଉଠାଇ ନେଇଥିଲା । ଅପରପକ୍ଷରେ, ରାହୁଲ ଗାନ୍ଧୀଙ୍କୁ ମଧ୍ୟ ପୁଲିସ କର୍ମଚାରୀମାନେ ଜବରଦସ୍ତ ନେଇ ଏକ ବସ୍ ଭିତରେ ବସାଇଥିଲେ । ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କାଙ୍କ ସମେତ ଟିଏମ୍‌ସି ସାଂସଦ ଡେରେକ୍ ଓ'ବ୍ରାଏନ ଓ କଂଗ୍ରେସର ବହୁ ବରିଷ୍ଠ ନେତାଙ୍କୁ ପୁଲିସ ଅଟକ ରଖିଛି । ଏଭଳି ଦମନମୂଳକ ନୀତି ଦ୍ୱାରା ବିରୋଧୀଙ୍କ ମନୋବଳ ଭାଙ୍ଗିବ ନାହିଁ ଏବଂ ନ୍ୟାୟ ଓ ସ୍ୱଚ୍ଛତା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ଟିଏମ୍‌ସି କହିଛି । ଗତକାଲି ମଧ୍ୟ ନିର୍ବାଚନ କମିସନ କାର୍ଯ୍ୟାଳୟକୁ ପଦଯାତ୍ରା ସମୟରେ ଅଟକାଯିବା ପରେ ରାହୁଲ ଓ ପ୍ରିୟଙ୍କା ବିନା ଅନୁମତିରେ ଦୀର୍ଘ ୬ ଘଂଟା ଧରି ଧାରଣାରେ ବସିଥିଲେ । ସୂଚନାଯୋଗ୍ୟ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନିମନ୍ତ୍ରଣ କ୍ରମେ ପ୍ରଥମେ ଜନପଥସ୍ଥିତ ସାଗର ରତ୍ନା ରେଷ୍ଟୁରାଂଟରେ ଏକାଠି ହୋଇ ମଧ୍ୟାହ୍ନ ଭୋଜନ ସହ ରଣନୀତି ପ୍ରସ୍ତୁତ କରିବା ପରେ ସାଂସଦମାନେ ଏକ ବସ୍ ଯୋଗେ ଯନ୍ତରମନ୍ତର ଅଭିମୁଖେ ବାହାରିଥିଲେ । ଆରଜେଡି ସାଂସଦ ମନୋଜ ଝା ଏହାକୁ ନୂତନ ଆନ୍ଦୋଳନର ଶୁଭାରମ୍ଭ ବୋଲି କହିଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇ ନିର୍ବାଚନ କମିସନ କାର୍ଯ୍ୟାଳୟକୁ ଯାଉଥିବା ସମସ୍ତ ମୁଖ୍ୟ ରାସ୍ତାକୁ ସିଲ୍ କରାଯାଇଥିଲା । ମଙ୍ଗଳବାର ଆକାଶବାଣୀ ଭବନ ଘଟଣାକୁ ନେଇ ଦିଲ୍ଲୀ ପୁଲିସ ବୁଧବାର ରାହୁଲ ଏବଂ ପ୍ରିୟଙ୍କାଙ୍କ ବିରୋଧରେ ଏକ ନୂତନ ଏଫ୍‌ଆଇଆର ରୁଜୁ କରିଛି । ଏହି ଆଇନଗତ କାର୍ଯ୍ୟାନୁଷ୍ଠାନକୁ ହାଲୁକା ଭାବେ ନେଇ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇ କହିଛନ୍ତି, ମୋ ବିରୋଧରେ ପୂର୍ବରୁ ୪୫ଟି ଏଫ୍‌ଆଇଆର ରହିଛି ଏବଂ ମୋର ଲକ୍ଷ୍ୟ ହେଉଛି ୧୦୦ଟି ଏଫ୍‌ଆଇଆର କରିବା । କଂଗ୍ରେସ ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ ମଧ୍ୟ ଏହି ପୁଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କରିବା ସହ ଜଣେ ବିରୋଧୀ ଦଳ ନେତାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯିବା ଘଟଣାକୁ ଅଗଣତାନ୍ତ୍ରିକ ବୋଲି ଆଖ୍ୟା ଦେଇଛନ୍ତି । ବର୍ତ୍ତମାନ ସମଗ୍ର ଦିଲ୍ଲୀରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ରାଜନୈତିକ ଲଢ଼େଇ ଆଗକୁ ଆହୁରି ଜଟିଳ ରୂପ ନେବା ସ୍ଥିତିକୁ ଆସିଯାଇଛି ।

# 'ବିଭାଜନକାରୀ ଭୋଟ ରାଜନୀତି ଦେଶପାଇଁ ବଡ଼ ଆହ୍ୱାନ'



ନୂଆଦିଲ୍ଲୀ, ୭/୧୦ (ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର 'ବିକଶିତ ଭାରତ ସଂକଳ୍ପ ସଭା'ରେ ସରକାରଙ୍କ ମୁଖ୍ୟ ଭାବେ ୨୫ ବର୍ଷର ସେବା ପୂର୍ତ୍ତି ଅବସରରେ ବିରୋଧୀ ଦଳଗୁଡ଼ିକୁ ତୀବ୍ର ସମାଲୋଚନା କରିଛନ୍ତି । ସମାଜକୁ ଭୋଟ୍ ଆଧାରରେ ବିଭାଜିତ କରିବା ପ୍ରବୃତ୍ତିକୁ ଦେଶ ପାଇଁ ସବୁଠାରୁ ବଡ଼ ଆହ୍ୱାନ ବୋଲି ଦର୍ଶାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମସ୍ୟା ଯଦି ସମସ୍ତଙ୍କର, ତେବେ ଏହାର ସମାଧାନ ମଧ୍ୟ ସମସ୍ତଙ୍କ ପାଇଁ ହେବା ଉଚିତ । ନିଜର ଦୀର୍ଘ ରାଜନୈତିକ ଯାତ୍ରା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ ବିରୋଧୀ ଏବଂ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ତାଙ୍କୁ ଗଣତନ୍ତ୍ରର ଅସଲ ଶକ୍ତି ବୁଝିବାରେ ଏବଂ ନିଜ ଭିତରକୁ ଚାହିଁ ଆତ୍ମସମୀକ୍ଷା କରିବାରେ ବେଶ୍ ସାହାଯ୍ୟ କରିଛନ୍ତି । ଜନସାଧାରଣଙ୍କ ନିକଟରୁ ପାଇଥିବା ମୋଟ ପୁଞ୍ଜି ସମ୍ପୂର୍ଣ୍ଣ ଭାବେ ରାଷ୍ଟ୍ରର ଅଟେ ବୋଲି ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ବିଗତ ବର୍ଷଗୁଡ଼ିକରେ ତାଙ୍କ ରାଜନୈତିକ ଜୀବନରେ ବଡ଼ ପରିବର୍ତ୍ତନ ଆଣିଥିବା ୨୦୦୧ ମସିହାର ଭୁଜ୍ ଭୂକମ୍ପ, ଚନ୍ଦ୍ରଯାନ ଅଭିଯାନର ବିଫଳତାରୁ ଶିଖିଥିବା ଅନୁଭୂତି ଏବଂ କୋଭିଡ-୧୯ ମହାମାରୀ ସମୟରେ ଦେଶର ସାମୂହିକରକ୍ଷା କବଚ ବାବଦରେ ଉଲ୍ଲେଖ କରିଛନ୍ତି । ଏହିସହିତ ସେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ, ଅଲିମ୍ପିକ ଆୟୋଜନ ଏବଂ ମହାକାଶରେ ପାଦ ଥାପିବା ନେଇ ଦୃଢ଼ ଦୂରଦୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ୨୦୧୪ ପୂର୍ବର ୟୁପିଏ ସରକାର ଅମଳର ନୀତିଗତ ଅକ୍ଷମତା ସହ ତୁଳନା କରି ସେ ଜଣାଇଛନ୍ତି ଯେ ବର୍ତ୍ତମାନ ଦେଶରେ 'ସଂସ୍କାର ଓ ସୁଧାର ଏକ୍ସପ୍ରେସ' ଚାଲିଛି । କୃଷି କ୍ଷେତ୍ରରେ ବିକାଶର ସମସ୍ତ ରେକର୍ଡ ଭାଙ୍ଗିଥିବା ବେଳେ ବର୍ତ୍ତମାନ ଦେଶ ଆମଦାନି ବଦଳରେ ରପ୍ତାନି କ୍ଷେତ୍ରରେ ନୂତନ କୀର୍ତ୍ତିମାନ ସ୍ଥାପନ କରଉଛି । ବିରୋଧୀଙ୍କୁ ଆକ୍ରମଣ କରି ସେ ସ୍ପଷ୍ଟ ପ୍ରଶ୍ନ କରିଛନ୍ତି ଯେ, ଯେତେବେଳେ ଚାଷୀର ବିଲରେ ପାଣି ନଥାଏ କିମ୍ବା ବିଦ୍ୟୁତ ସରବରାହ ବନ୍ଦ ଯୋଗୁଁ ଅନ୍ଧାର ହୁଏ, ତାହା କ'ଣ କେବଳ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଜାତି କିମ୍ବାସମ୍ପ୍ରଦାୟ ଉପରେ ପଡ଼ିଥାଏ । ? ତେଣୁ ସରକାରଙ୍କ ଯୋଜନା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଜମ୍ମୁ ଓ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏବଂ ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ କଡ଼ା ପ୍ରହାର ବାବଦରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଭାରତ ଏବେ ସେମାନଙ୍କୁ ଘରେ ପଶି ନିପାତ କରୁଛି ଏବଂ ମାଓବାଦୀ ହିଂସାର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଛି । ଜନସାଧାରଣଙ୍କ ବିଶ୍ୱାସ ହିଁ ତାଙ୍କର ଶକ୍ତି ଏବଂ ମୋ ପାଇଁ ଜନସାଧାରଣ ହିଁ ଭଗବାନ ବୋଲି ସେ ଆବେଗଭରା ବକ୍ତବ୍ୟ ରଖିଛନ୍ତି । ଦେଶର ନାଗରିକମାନଙ୍କର ତାଙ୍କ ଉପରେ ସବୁଠାରୁ ବଡ଼ ଅଧିକାର ରହିଛି ଏବଂ ସେ ଆଜି ମଧ୍ୟ ନିଜକୁ ଜଣେ ଶୃଙ୍ଖଳିତ ଛାତ୍ର ଭାବେ ମନେ କରନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଓଡ଼ିଶା ବନ୍ଦକୁ ସମର୍ଥନ ଦେବନି ବିଜେଡି

ଭୁବନେଶ୍ୱର, ୭/୧୦ (ଆ.ପ୍ର) : ଗତକାଲି ଦିଲ୍ଲୀରେ ଇଣ୍ଡିଆ ବ୍ଲକର ମଂଚରେ ବିଜେଡିର ଉପସ୍ଥିତି । ଆଜି ଓଡ଼ିଶା ବନ୍ଦକୁ ସମର୍ଥନ ଘୋଷଣା । ନବୀନ ନିବାସରେ ବୈଠକ ସାରି ବାହାରିବା ପରେ ବନ୍ଦକୁ ସମର୍ଥନ ନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଗୋଟିଏ ବୟାନ ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଥିଲା । ଚର୍ଚ୍ଚା ହେଲା ସତରେ କଣ ଇଣ୍ଡିଆ ବ୍ଲକରେ ସାମିଲ ହୋଇଗଲା ବିଜେଡି ? ପ୍ରମିଳାଙ୍କ ବୟାନ ଆସିଲା, ଆଉ ରାଜ୍ୟ ରାଜନୀତିରେ କିଛି ସମୟ ପାଇଁ ସୃଷ୍ଟି ହେଲା ଝଡ଼ । ତାର ଅଧଘଂଟା ଯାଇନି ପଲଟିଗଲେ ପ୍ରମିଳା, ବଦଳିଗଲା ବୟାନ । ନିଜ ସରକାରୀ ବାସଭବନରେ ଗଣମାଧ୍ୟମକୁ ଡାକି କହିଲେ, ବନ୍ଦକୁ ସମର୍ଥନ କରିବନି ବିଜେଡି । କଂଗ୍ରେସ ପ୍ରତି କୌଣସି ଦୁର୍ବଳତା ନାହିଁ । ପୁଣି ଥରେ ପୁରୁଣା ସମଦୂରତା ନୀତିର ପାଠ ପଢ଼ାଇଥିଲେ ପ୍ରମିଳା । ମାତ୍ର ଅଧଘଂଟାରେ କାହିଁକି ମତ ବଦଳାଇଲେ ପ୍ରମିଳା ? ତାଙ୍କୁ ବାଧ୍ୟ କଲା କିଏ ? କାହା ଚାପରେ ନିଆଗଲା ୟୁ-ଟର୍ଣ୍ଣ ? ନବୀନ ନିବାସ ବୈଠକରେ ଚର୍ଚ୍ଚା ହୋଇନଥିଲେ, ପ୍ରମିଳାଙ୍କ ଭଳି ଜଣେ ଅନୁଭବୀ ନେତ୍ରୀ ଏତେ ବଡ଼ ବୟାନ ଦେଇଥାନ୍ତେ କେମିତି ? ଦିଲ୍ଲୀରେ ସିଇସିଙ୍କ ଇସ୍ତଫା ଦାବି ରାଲିରେ ଇଣ୍ଡିଆ ବ୍ଲକ ସହ କାନ୍ଧକୁ କାନ୍ଧ ମିଳାଇବା ପରେ ଆଜି କାହିଁକି ଏହି ୟୁ-ଟର୍ଣ୍ଣ ପଲିଟିକ୍ସ ? ବିଜେଡିର ଏହି ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଛି କଂଗ୍ରେସ । ଦଳ କହିଛି, ବିଜେଡି ଏବେ ସମ୍ପୂର୍ଣ୍ଣ ଦିଗହରା ! ଦିଲ୍ଲୀରୁ ଫୋନ୍ ଆସିବା ପରେ ଡରିଗଲେ । କଟାକ୍ଷ କରି ବିଜେପି କହିଛି, ପ୍ରମିଳା କାହିଁକି ସ୍ୱର ବଦଳାଇଲେ, ସେକଥା ସେ ହିଁ କହିପାରିବେ । କିନ୍ତୁ ଶହେଟା ମିଛ ମିଶି କେବେ ହେଲେ ସତ ହୋଇପାରିବ ନାହିଁ । ଓଡ଼ିଶାରୁ ସରକାରରୁ ଯିବା ପରେ ଗତ କେତେଟି ରାଜନୈତିକ ଘଟଣାବଳୀ ଦେଖିଲେ, ଇଣ୍ଡିଆ ମେଂଟ ଆଡକୁ ଧୀରେ ଧୀରେ ବିଜେଡି ଢଳିବା ଆରମ୍ଭ କରିଛି ଅନୁମାନ କରାଯାଇପାରେ ।

## ଆଜି ଓଡ଼ିଶା ବନ୍ଦ: କଡ଼ା ସୁରକ୍ଷା, ରାଜପଥ-ରେଳ ଷ୍ଟେସନରେ ନଜର

ଭୁବନେଶ୍ୱର, ୭/୧୦ (ଆ.ପ୍ର) : ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୮ରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବନ୍ଦକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି । ସମ୍ଭାବ୍ୟ ଆଇନଶୃଙ୍ଖଳା ସମସ୍ୟା ଓ ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସମସ୍ତ ଜିଲ୍ଲାପାଳ ଓ ପୁଲିସ ଅଧିକାରୀଙ୍କୁ ଆଗୁଆ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୃହ ବିଭାଗ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନଙ୍କୁ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିବା ସହ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ କୁହାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ ସ୍ୱାଭାବିକ ଭାବେ ଚାଲିବା ଏବଂ ହସ୍ପିଟାଲ, ଆମ୍ବୁଲାନ୍ସ, ଫାୟାର ସର୍ଭିସ୍ ଓ ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସେବାରେ ଯେପରି ବାଧା ନପହଂଚେ, ସେଥିପ୍ରତି ସ୍ୱତନ୍ତ୍ର ନଜର ରଖିବାକୁ ମଧ୍ୟ କୁହାଯାଇଛି । ବନ୍ଦକୁ ନେଇ ରାଜ୍ୟ ପୁଲିସ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର କରାଯାଇଛି । ରାଜପଥ, ଜାତୀୟ ରାଜପଥ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ପର୍ଯ୍ୟାପ୍ତ ପୁଲିସ ମୁତୟନ ସହ କଡ଼ା ପାଟ୍ରୋଲିଂ ଓ ନାକା ଚେକିଂ କରାଯିବ । ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ଚିହ୍ନଟ କରି ଆଗୁଆ ପ୍ରତିଷେଧମୂଳକ ବ୍ୟବସ୍ଥା ନେବାକୁ ପୁଲିସ ଅଧିକାରୀମାନଙ୍କୁ କୁହାଯାଇଛି । ଗୁଇନ୍ଦା ସୂଚନାକୁ ଗୁରୁତ୍ୱ ଦେଇ ସମ୍ଭାବ୍ୟ ଉତ୍ତେଜନାପ୍ରବଣ ସ୍ଥାନ ଉପରେ ନଜର ରଖାଯିବ । ବିକ୍ଷୋଭ ସମୟରେ ହିଂସା, ଭଙ୍ଗାରୁଜା, ବଳପୂର୍ବକ ଦୋକାନ ବଜାର ବନ୍ଦ କରାଇବା କିମ୍ବା ସାଧାରଣ ଯାତାୟାତରେ ବାଧା ସୃଷ୍ଟି ଭଳି ଘଟଣା ଯେପରି ନଘଟେ, ସେଥିପ୍ରତି ପୁଲିସ ଦୃଷ୍ଟି ରଖିବ । ଇଣ୍ଡିଆ ବ୍ଲକ୍‌ର ଏହି ବନ୍ଦ ଡାକ ପଛରେ ଏକାଧିକ ଦାବି ରହିଛି । ଅମେଣ୍ଡେଡ୍ MMDR Act, ୨୦୨୬ ପ୍ରତ୍ୟାହାର, ସ୍କୁଲ୍ ପାଠ୍ୟପୁସ୍ତକରେ ଥିବା କଥିତ ତ୍ରୁଟିକୁ ନେଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ SIR ପ୍ରକ୍ରିୟାକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଅନ୍ୟାନ୍ୟ ଦାବି ନେଇ ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ କରୁଛନ୍ତି । ବନ୍ଦ ଅକ୍ଟୋବର ୮ରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଳନ ପାଇଁ ଡାକରା ଦିଆଯାଇଛି ।

## ରସାୟନ ବିଜ୍ଞାନରେ ହେନରୀ ଓ କେନସୋଙ୍କୁ ନୋବେଲ୍



ନୂଆଦିଲ୍ଲୀ, ୭/୧୦ (ନ୍ୟୁ.ଏ): ଫ୍ରାନ୍ସର ହେନରୀ ବି କାଗାନ ଓ ଜାପାନର କେନସୋ ସୋଆଇଙ୍କୁ ରସାୟନ ବିଜ୍ଞାନରେ ନୋବେଲ । ୨୦୨୬ ବର୍ଷ ପାଇଁ ଉଭୟଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ଗୋଟିଏ ଅଣୁର ଦୁଇଟି ସମାନ ପ୍ରତିବିମ୍ବ ରୂପ ମଧ୍ୟରୁ ରାସାୟନିକ ପ୍ରତିକ୍ରିୟା କିପରି ଗୋଟିଏ ରୂପକୁ ଅଧିକ ପସନ୍ଦ କରିପାରେ, ତାହା ଆବିଷ୍କାର କରିଥିବାରୁ ସେମାନଙ୍କୁ ନୋବେଲ ପୁରସ୍କାର ଦିଆଯିବ । ଏହି ଗବେଷଣା ଜୀବନର ରସାୟନ ବିଜ୍ଞାନ ସହ ଜଡ଼ିତ ଏକ ଗଭୀର ରହସ୍ୟକୁ ବୁଝିବାରେ ନୂଆ ଦିଗ ଦେବାରେ ସକ୍ଷମ ହୋଇଛି । ଅସମମିତ ଜୈବିକ ସଂଶ୍ଳେଷଣରେ ନନ୍-ଲିନିୟର ପ୍ରଭାବ ଓ ଅଟୋକାଟାଲିସିସ୍‌ର ଆବିଷ୍କାର ପାଇଁ ଏହି ପୁରସ୍କାର ଦିଆଯାଉଥିବା କହିଛି ରୟାଲ ସ୍ୱେଡିଶ ଏକାଡେମୀ ଅଫ୍ ସାଇନ୍ସେସ୍ । ଏହି ଦୁଇ ରସାୟନବିତଙ୍କ ଗବେଷଣାର କେନ୍ଦ୍ରରେ ରାସାୟନିକ ହସ୍ତତା ନାମକ ଗୋଟିଏ ବିଶେଷ ଗୁଣ ରହିଛି । କିଛି ଅଣୁ ଦୁଇଟି ରୂପରେ ରହିପାରନ୍ତି । ଯେଉଁ ଦୁଇଟି ପରସ୍ପରର ପ୍ରତିବିମ୍ବ ଭଳି ଦେଖାଯାଆନ୍ତି । ଏହା ଆମର ବାମ ଓ ଡାହାଣ ହାତ ଭଳି । ଦୁଇ ରୂପରେ ସମାନ ପରମାଣୁ ସମାନ ଭାବେ ଯୋଡ଼ି ହୋଇଥିଲେ ମଧ୍ୟ ସେମାନଙ୍କର ଆକାର ଭିନ୍ନ ହୋଇଥାଏ । ଜୀବ ବିଜ୍ଞାନରେ ଏହି ପାର୍ଥକ୍ୟର ଗୁରୁତ୍ୱ ଅତ୍ୟଧିକ । ପ୍ରୋଟିନ୍‌ର ନିର୍ମାଣ ଉପାଦାନ ଆମିନୋ ଏସିଡ୍ ଏହାର ଏକ ଉଦାହରଣ । ଆମିନୋ ଏସିଡ୍ ଦୁଇଟି ସମାନ ପ୍ରତିବିମ୍ବ ରୂପରେ ରହିପାରେ । କିନ୍ତୁ ପ୍ରୋଟିନ୍ ତିଆରି ହେବା ସମୟରେ ପ୍ରାୟ ସବୁବେଳେ ସେଥିରୁ କେବଳ ଗୋଟିଏ ରୂପକୁ ବ୍ୟବହାର କରେ । ଏପରି ସ୍ଥିତିରେ ଜୀବନ କିପରି ଗୋଟିଏ ଅଣୁରୂପକୁ ଅନ୍ୟଟିକୁ ବାଦ ଦେଇ ବାଛିଲା, ତାହା ସବୁବେଳେ ଗୋଟିଏ ପ୍ରଶ୍ନବାଚୀ ହୋଇଥାଏ । ଦୀର୍ଘ ଦଶନ୍ଧି ଧରି ରସାୟନବିତ୍‌ମାନେ ଏହାର ଉତ୍ତର ଖୋଜିବାରେ ଲାଗି ପଡ଼ିଥିଲେ । ଦୁଇଟି ମିରର ପ୍ରତିବିମ୍ବ ରୂପ ତିଆରି ହୋଇପାରୁଥିବା ଅଣୁ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ରାସାୟନିକ ପ୍ରତିକ୍ରିୟା ସାଧାରଣତଃ ଉଭୟ ରୂପକୁ ସମାନ ଭାବେ ତିଆରି କରୁଥିଲା । ହେଲେ ୧୯୮୬ ମସିହାରେ ରସାୟନବିତ କାଗାନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିଲେ । ସେ ରାସାୟନିକ ପ୍ରତିକ୍ରିୟାକୁ ଏପରି ଭାବେ ନିୟନ୍ତ୍ରଣ କରିବାର ଉପାୟ ଆବିଷ୍କାର କରିଥିଲେ ଯାହା ଗୋଟିଏ ମିରର ପ୍ରତିବିମ୍ବ ରୂପର ଉତ୍ପାଦ ଅନ୍ୟ ରୂପ ତୁଳନାରେ ବହୁ ଅଧିକ ପରିମାଣରେ ମିଳିବାରେ ସକ୍ଷମ ହୋଇଥିଲା ।

## ୨୦୨୬ ରାମାନୁଜନ ପୁରସ୍କାର ପାଇଲେ ଭାରତୀୟ ଗଣିତଜ୍ଞ ମହେଶ କାକଡେ

ବେଙ୍ଗାଲୁରୁ, ୭/୧୦ (ନ୍ୟୁ.ଏ): ଭାରତୀୟ ଗଣିତଜ୍ଞ ତଥା ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏସ୍‌ସି)ର ପ୍ରଫେସର ମହେଶ କାକଡେଙ୍କୁ ୨୦୨୬ ବର୍ଷର ରାମାନୁଜନ ପୁରସ୍କାର ପ୍ରଦାନ କରାଯାଉଛି । ବୀଜଗାଣିତିକ ସଂଖ୍ୟାତତ୍ତ୍ୱ କ୍ଷେତ୍ରରେ ତାଙ୍କର ଗବେଷଣାଓ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ଅନ୍ତର୍ଜାତୀୟ ସୈଦ୍ଧାନ୍ତିକ ପଦାର୍ଥବିଜ୍ଞାନ କେନ୍ଦ୍ର (ଆଇସିଟିପି) ଓ ଅନ୍ତର୍ଜାତୀୟ ଗଣିତ ସଂଘ (ଆଇଏମ୍‌ୟୁ) ମିଳିତ ଭାବେ ଏହି ପୁରସ୍କାର ପ୍ରଦାନ କରିଛନ୍ତି । କାକଡେଙ୍କ ଗବେଷଣାର ମୁଖ୍ୟ କ୍ଷେତ୍ର ହେଉଛି ବୀଜଗାଣିତିକ ସଂଖ୍ୟାତତ୍ତ୍ୱ । ଏଥିରେ ବୀଜଗଣିତର ଧାରଣା, ଯଥା କ୍ଷେତ୍ର ଓ ଗୋଷ୍ଠୀର ବ୍ୟବହାର କରି ସଂଖ୍ୟା ସମ୍ପର୍କିତ ଜଟିଳ ସମସ୍ୟାର ସମାଧାନ ଖୋଜାଯାଏ । ନନ୍-କମ୍ୟୁଟେଟିଭ୍ ଇୱାସାୱା ସିଦ୍ଧାନ୍ତ ଉପରେ ତାଙ୍କର ମୌଳିକ ଫଳାଫଳ ସହ ଗ୍ରସ୍-ଷ୍ଟାର୍କ ଓ ବ୍ରୁମର-



ଷ୍ଟାର୍କ ଅନୁମାନ ଉପରେ କରିଥିବା କାମକୁ ମଧ୍ୟ ପୁରସ୍କାର କମିଟି ସ୍ୱୀକୃତି ଦେଇଛି । ମହେଶ କାକଡେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନଷ୍ଟିଚ୍ୟୁଟ୍‌ରୁ ଗଣିତରେ ସ୍ନାତକ ଶିକ୍ଷା ଶେଷ କରିଥିଲେ । ପରେ ବ୍ରିଟେନ୍‌ର କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତର ଓ ୨୦୦୮ରେ ଶୁଦ୍ଧଗଣିତରେ ଡକ୍ଟରେଟ୍ ହାସଲ କରିଥିଲେ । ଏହାପରେ ସେ ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରେ ଗଣିତ ଶିକ୍ଷକ ଭାବେ କାମ କରିଥିଲେ । ପରେ ୟୁନିଭର୍ସିଟି କଲେଜ୍ ଲଣ୍ଡନ୍ ଓ କିଙ୍ଗ୍‌ସ କଲେଜ୍ ଲଣ୍ଡନ୍‌ରେ ଗବେଷଣା କରିଥିଲେ । ୨୦୧୯ରେ ସେ ଆଇଆଇଏସ୍‌ସିରେ ପ୍ରଫେସର ଭାବେ ଯୋଗ ଦେଇଥିଲେ । ଗଣିତ କ୍ଷେତ୍ରରେ କାକଡେଙ୍କୁ ୨୦୨୨ରେ ଇନ୍‌ଫୋସିସ୍ ପୁରସ୍କାର ମିଳିଥିଲା । ସେହିପରି ୨୦୨୩ରେ ତାଙ୍କୁ 'ଏସିଆନ୍ ସାଇଂଟିଷ୍ଟ୍ ୧୦୦' ତାଲିକାରେ ସ୍ଥାନ ମିଳିଥିଲା । ବିକାଶଶୀଳ ଦେଶର ୪୫ ବର୍ଷରୁ କମ୍ ବୟସର ଯୁବ ଗଣିତଜ୍ଞଙ୍କୁ ଉଲ୍ଲେଖନୀୟ ଗବେଷଣା ପାଇଁ ପ୍ରତିବର୍ଷ ରାମାନୁଜନ ପୁରସ୍କାର ଦିଆଯାଏ । ୨୦୦୫ରୁ ଏହି ପୁରସ୍କାର ପ୍ରଦାନ କରାଯାଉଛି ଏବଂ ଏଥିରେ ୧୦ ହଜାର ଆମେରିକୀୟ ଡଲାରର ନଗଦ ପୁରସ୍କାର ରହିଛି ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର, ୭/୧୦ (ଆ.ପ୍ର) : ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଏହି ନିଷ୍ପତି ଅନୁଯାୟୀ ଛାତ୍ରନେତା ନିର୍ବାଚନ କରିବା ବା ଛାତ୍ରନେତା ଚୟନ କରିବା ପାଇଁ ଆଜି ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଅକ୍ଟୋବର ୭ ତାରିଖ ରାତି ୮ ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ୩୨୮ଟି ମହାବିଦ୍ୟାଳୟ ଓ ୧୩ ଟି ବିଶ୍ୱ ବିଦ୍ୟାଳୟ, ସର୍ବମୋଟ ୩୪୧ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଛାତ୍ରନେତା ବାଛିବା ପାଇଁ ନିର୍ବାଚନ କରିବେ । ସେହିପରି ଭାବେ ୨୦୨ଟି ମହାବିଦ୍ୟାଳୟ ଓ ୩ଟି ବିଶ୍ୱ ବିଦ୍ୟାଳୟ, ସର୍ବମୋଟ ୨୦୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ଚୟନ ପଦ୍ଧତିରେ ଛାତ୍ରନେତା ବାଛିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ୩ଟି ବିଶ୍ୱ ବିଦ୍ୟାଳୟ ଯଥା ଓଡ଼ିଆ



ବିଶ୍ୱ ବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ଛାତ୍ରନେତା ଚୟନ କରିବେ । ଅନ୍ୟ ୧୩ ଟି ବିଶ୍ୱ ବିଦ୍ୟାଳୟ ନିର୍ବାଚନ କରି ଛାତ୍ରନେତା ବାଛିବେ । ଆଜି ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶିତ ହେବା ପରେ ନିର୍ବାଚନ ପାଇଁ ଅକ୍ଟୋବର ୯ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଆଗ୍ରହୀ ପ୍ରାର୍ଥୀମାନେ ନୋମିନେସନ୍ ଦାଖଲ କରିପାରିବେ । ଅକ୍ଟୋବର ୯ ତାରିଖ ଅପରାହ୍ନ ୨ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ନୋମିନେସନ୍ ଯାଂଚ କରାଯିବ । ଅକ୍ଟୋବର ୯ ତାରିଖ ସନ୍ଧ୍ୟା ୫ ଘଟିକା ସମୟରେ ଉଚ୍ଚଶିକ୍ଷାନୁଷ୍ଠାନ ତରଫରୁ ବୈଧ ନୋମିନେସନ୍ ତାଲିକା ପ୍ରକାଶିତ ହେବ । ଅକ୍ଟୋବର ୧୦ ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ଦିବା ୧ ଘଟିକା ମଧ୍ୟରେ ଯେଉଁ ପ୍ରାର୍ଥୀ ନିଜର ନୋମିନେସନ୍ ପ୍ରତ୍ୟାହାର କରିବାକୁ ଚାହୁଁଥିବେ, ସେ ତାହାକୁ ପ୍ରତ୍ୟାହାର କରିପାରିବେ । ଅକ୍ଟୋବର ୧୦ ତାରିଖ ଅପରାହ୍ନ ୩ ଘଟିକାରେ ଉଚ୍ଚଶିକ୍ଷାନୁଷ୍ଠାନ ତରଫରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ । ଅକ୍ଟୋବର ୧୪ ତାରିଖରେ ଉଚ୍ଚଶିକ୍ଷାନୁଷ୍ଠାନ ମାନଙ୍କରେ 'ଡଷକ ଓ ଝଷବଭୟ ରତ୍ବଝ' ମିଟିଙ୍ଗ ଅନୁଷ୍ଠିତ ହେବ । ଅକ୍ଟୋବର ୧୫ ତାରିଖ ସକାଳ ୮ ଘଟିକାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ଭୋଟିଙ୍ଗ ହେବ । ଭୋଟିଙ୍ଗ ପରେ ଅକ୍ଟୋବର ୧୫ ତାରିଖ ଦିନ ହିଁ ଭୋଟ ଗଣତି ହେବା ସହ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ଅକ୍ଟୋବର ୧୬ ତାରିଖ ଦିନ ବିଜୟୀ ଛାତ୍ରନେତାଙ୍କ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।



